# Akashvani, Sambalpur

## SAMBALPURI NEWS BULLETIN

### 25 September 2025 – 6.47- 6.52 am.

*********************************************

ସ୍ୱଚ୍ଛତା ହିଁ ସେବା          ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଦେଶ୍‌କେ ସଫା ରଖିବାର୍ ଲାଗି ଆଏଜ୍ ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ଗୁଟେ ଘଂଟା ଶ୍ରମଦାନ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମୋଦୀ ଇ ଅଭିଯାନ୍‌କେ ଗୁଟେ ପ୍ରେରଣାଦାୟୀ ପଦକ୍ଷେପ୍ ଭାବେ ଉଲ୍ଲେଖ୍ କରିଛନ୍ । ଇଟା ଦେଶର୍ ସମୂହ ଦାୟିତ୍ୱ ଆଉ ଜାତୀୟ ଗର୍ବକେ ସୂଚିତ କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଆଏଜ୍ ସଖାଲର୍ ୮ ବଜେନୁ ସ୍ୱଚ୍ଛତା ଅଭିଯାନ୍‌ଥି ସାମିଲ୍ ହେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କୁ ନିବେଦନ୍ କରିଛନ୍ ।

ଅମୃତ୍ ଭାରତ୍ ଏକ୍ସପ୍ରେସ୍       ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ଦିନ ଝାର୍‌ସୁଗୁଡ଼ାନୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଓଡ଼ିଶାନୁ ଗୁଜୁରାତ୍‌କେ

ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କର୍‌ବେ । ଇ ଟ୍ରେନ୍ ବ୍ରହ୍ମପୁର୍‌ନୁ ସୁରଟ୍‌କେ ସଂଯୋଗ୍ କର୍‌ବା ବଲି ଭାରତୀୟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶା ସଙ୍ଗେ ଦେଶର୍ ୮ ଟା ଜାଗା ନ ଫୋର୍‌ଜି ଷ୍ଟାକ୍ ଆଉ ଡିବିଏନ୍ ପାଣ୍ଠିଥି ତିଆର୍ ହେଇଥିବା ଫୋର୍-ଜି ଟାୱାର୍ ମାନ୍‌କର୍ ଶୁଭାରମ୍ଭ କର୍‌ବେ । ୨୭ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ଝାର୍‌ସୁଗୁଡ଼ାର୍ ଅମ୍‌ଲିପାଲି ଠାନେ ହେବାର୍‌କେ ଥିବା ଯୁବସମାବେଶ୍‌ଥି ପ୍ରଧାନ୍‌ମନ୍ତ୍ରୀ ଇସବୁ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିଲ୍ ଉପସ୍ଥିତ୍ ରହେବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ବିଧାନ୍‌ସଭା ଅଧିବେଶନ୍ ଶେଷ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ମୌସୁମୀ ଅଧିବେଶନ୍ ଗଲାକାଏଲ୍ ଶେଷ୍ ହେଇଛେ । ଇ ଅଧିବେଶନ୍‌ଥି ୭ ଟା କାର୍ଯ୍ୟଦିବସ୍ ଥିଲା ବେଲ୍‌କେ ଦିନ୍‌କର୍ ଆଗୋନୁ ଅଧିବେଶନ୍ ସରିଛେ । ୬ ଦିନିଆ ଅଧିବେଶନ୍‌ଥି ପହେଲାଦିନେ ଦିବଂଗତ ଆଉ ଆଘର୍ ସଦସ୍ୟମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ବାକି

ଦିନ୍ ମାନ୍‌କେ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ରହିଥିଲା । ଅଧିବେଶନ୍‌ଥି ଗୁଟେ ମୁଲ୍‌ତବୀ ପ୍ରସ୍ତାବ୍, ୮ ଟା ତାରକା ପ୍ରଶ୍ନ ଉପ୍‌ରେ ଆଲୋଚନା ହେବାର୍ ସହେତେ ୨ ଟା ସଂଶୋଧନ୍ ବିଲ୍ ପାରିତ୍ ହେଇଛେ । ଶେଷ୍ ଦିନେ ଗଲାକାଏଲ୍ ୪ ଟା ସିଏଜି ରିପୋର୍ଟ ଉପସ୍ଥାପନ୍ ହେଇଛେ ।

ତଲାସ୍ I&PR

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଖାସ୍ କରି ଗୁଟେ ଡିଜିଟାଲ୍ କାର୍ଯ୍ୟକ୍ରମ୍ - 'ତଲାସ୍'ର ଶୁଭାରମ୍ଭ କରାଯାଇଛେ । ୟୁନିସେଫ୍ ତର୍‌ଫୁ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାର୍‌ଥି ମୁଲ୍ ହେଇଥିବା ତଲାସ୍ ଅଭିଯାନ୍‌ର ଲକ୍ଷ୍ୟ ହେଉଛେ ଦେଶର୍ ଏକଲବ୍ୟ ବିଦ୍ୟାଳୟର୍ ଜନଜାତି ଛାତ୍ରଛାତ୍ରୀଙ୍କୁ ଭିନ୍ ଭିନ୍ କ୍ଷେତ୍ରଥି ସହଯୋଗ୍ କର୍‌ବା ।

ସେବା ପର୍ବ- ପ୍ରତିରକ୍ଷା ଏନ୍‌ଏସ୍‌ଡି

ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱାଧିନ୍ କେନ୍ଦ୍ର ସରକାର ଦେଶର୍ ପ୍ରତିରକ୍ଷା କ୍ଷେତ୍ରଥି ନୂଆ ସୃଜନ୍

ଦିଗ୍‌କେ ଅଏତ୍‌କା ଧିଆନ୍ ଦଉଛନ୍ । ପ୍ରତିରକ୍ଷା କ୍ଷେତ୍ରଥି ନୂଆ ସୃଜନର ଇକୋ ସିଷ୍ଟମ୍‌କେ ତହଁକାବାର୍ ଲାଗି ୨୦୧୮ ମସିହା ବେଲ୍‌କେ ସରକାର ଆଇଡେକ୍ସ ଅଭିଯାନ୍ ମୁଲ୍ କରିଥିଲେ । ତାମିଲନାଡୁର ମହାବଲୀପୁରମ୍‌ଠାନେ ଆଇଡେକ୍ସ ଆଉ ପ୍ରତିରକ୍ଷା ଏକ୍ସପୋ ଉଦ୍‌ଘାଟନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରତିରକ୍ଷା କ୍ଷେତ୍ରଥି ପ୍ରଯୁକ୍ତିବିଦ୍ୟା, ନୂଆ ସୃଜନ୍, ଗବେଷଣା ଆଉ ବିକାଶ ଦିଗେ ସରକାରଙ୍କର ଚେରେଷ୍ଟା ବାବ୍‌ଦେ କହିଥିଲେ....

(ଭଏସ୍-ପ୍ରଧାନମନ୍ତ୍ରୀ)

ଆଇଡେକ୍ସ ଅଭିଯାନ୍ ଜରିଏ ଭିନ୍ ଭିନ୍ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍, ଗବେଷଣା ସଂସ୍ଥାକେ ସରକାର ଦେଢ଼ କୋଟି ଟଙ୍କାର୍ ସାହାଜ୍ ଯୁଗେଇ ଦେଇଛନ୍ । ଇତାର୍ ବଲେ ଦେଶର ସେନା ବାହିନୀ ୨୪ ହଜାର କୋଟି ଟଙ୍କାର ୪୩ଟା ନୂଆ ପ୍ରତିରକ୍ଷା ଦରବ୍ ପାଇପାରିଛନ୍ ।

ଦକ୍ଷତା ବିକାଶ୍ ବିଭାଗ୍- ବୁଝାମଣା I&PR

ରାଏଜେ ଦକ୍ଷତା ବିକାଶ୍ କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ଶିଳ୍ପ ଦକ୍ଷତା ବିକାଶ୍ ଆଉ ବୈଷୟିକ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ସଂସ୍ଥା ସହେତେ ୩ ଟା ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ବୁଝାମଣା ପତ୍ର ରାଏଜେ ଦକ୍ଷତା ବିକାଶ୍ କ୍ଷେତ୍ରଥି ବିଶ୍ୱସ୍ତରୀୟ ସୁଯୋଗ୍

ବନାବାର୍ ସହେତେ ଓଡ଼ିଶାକେ ଦକ୍ଷ ପ୍ରତିଭାର୍ କେନ୍ଦ୍ର କର୍ବାର୍ ଦିଗେ ମାଇଲ୍‌ଖୁଂଟା ସାଜ୍‌ବା । ରାଜ୍ୟର୍ ଯୁଆନ୍ ପିଢ଼ିକେ ଦକ୍ଷତା ବିକାଶ୍ କ୍ଷେତ୍ରଥି ନୂଆଁ ମାର୍ଗଦର୍ଶନ୍ ଦେବା ବଲି ଇ ଅବ୍‌ସରେ ବିଭାଗୀୟ ମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ କହିଛନ୍ ।

ସିବିଏସ୍‌ଇ-୧୦,୧୨ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ଼ ସିବିଏସ୍‌ଇ ର ୧୦ ଆଉ ୧୨ ବୋର୍ଡ଼ ପରୀକ୍ଷା ଆଏବା ଫେବୃଆରୀ ମାସର୍ ୩ ନମ୍ବର୍ ହପ୍ତାଥି ହେଇପାରେ ବଲି ବୋର୍ଡ଼ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ପରୀକ୍ଷା ୧୫ ଦିନ୍ ତକ୍ ହେବା । ୧୦ କ୍ଲାସ୍ ପରୀକ୍ଷା ୨ ଥର୍ କରାଯିବା । ପହେଲା ଖେପ୍ ଫେବୃଆରୀ ନୁ ମାର୍ଚ୍ଚ ଭିତ୍‌ରେ ହେବା ଆଉ ୨ ନମ୍ବର୍ ଖେପ୍ ମେ ନୁ ଜୁନ୍ ମାସ୍‌ତକ୍ ତକ୍ ଚାଲ୍‌ବା । ୧୦ ଆଉ ୧୨ କ୍ଲାସ୍‌ର ପାଖାପାଖି ୪୫ ଲାଖ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ସ୍ପେଶାଲ୍ ଓଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷକ୍‌ମାନ୍‌କର୍ ଲାଗି ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା -ସ୍ପେଶାଲ୍ ଓଟିଇଟି ଆଏବା ୨୭ ତାରିଖ୍ ଦିନ ହେବା । ମାଧ୍ୟମିକ ଶିକ୍ଷା ବୋର୍ଡ୍ ତର୍‌ଫୁ ପରିଚାଲିତ୍ ଇ ପରୀକ୍ଷା ଲାଗି ଗଲାକାଏଲ୍ ପହେଲା ଖେପେ ୫ ଟା ଜିଲ୍ଲା କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରାପୁଟ୍, ମାଲ୍‌କାନ୍‌ଗିରି ଆର୍ ରାୟଗଡ଼ାକେ ପ୍ରଶ୍ନପତ୍ର ପଠାଯାଇଛେ । ପ୍ରଶ୍ନପତ୍ର ସବୁ ଡିଜି ଲକର୍‌ଥି ରହିଛେ । କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ କେନ୍ଦ୍ରମାନ୍‌କୁ ପ୍ରଶ୍ନପତ୍ର ପଠାଯାଉଛେ । ୨୬ ତାରିଖତକ୍ ସବୁ କେନ୍ଦ୍ରକେ ପ୍ରଶ୍ନପତ୍ର ପୁହୁଁଚିବା । ଶହେ ୯୩ ଟା କେନ୍ଦ୍ର ନ ପରୀକ୍ଷାର୍ ଲାଇଭ୍ ଭିଡ଼ିଓ ଦେଖ୍‌ବାର୍ ଲାଗି ବୋର୍ଡ୍ ଠାନେ ନିୟନ୍ତ୍ରଣ କକ୍ଷର ବ୍ୟବସ୍ଥା କରାଯାଇଛେ ବଲି ବୋର୍ଡ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ ।

ପାଣିପାଗ        ସମ୍ୱଲପୁର ସମ୍ୱାଦଦାତା

କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇଟା ଆଏବାକାଏଲ୍ ଘନୀଭୂତ ହେଇକରି ଅବପାତ ହେଇପାରେ । ଶନିବାର୍‌ତକ୍ ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ଦେଇକରି ଇ ଲଘୁଚାପ୍ କ୍ଷେତ୍ର ପାର୍ କର୍‌ବା । ଇତାର୍ ବଲେ ଆଏଜ୍‌ଠାନୁ ପଶ୍ଚିମ ଓଡ଼ିଶା ସହେତେ ସାରା ରାଏଜେ

ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଗଲା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍ ନ ସବୁନୁ ଜହ ଶହେ ୮୦ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଥିଲା ବେଲ୍‌କେ ହୀରାକୁଦ୍ ନ ଶହେ ୬୩ ଆର୍ ବର୍‌ଗଡ୍ ନ ଶହେ ୧୨ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ସେଆଡ୍ରେ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ୧୬ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ ।